ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/SME(Od)/1098/06-10-2023**

## ଆତ୍ମବିଶ୍ୱାସ ବଢାଉଛି 'ମୋ ସ୍କୁଲ'ର 'ପ୍ରେରଣା' କାର୍ଯ୍ୟକ୍ରମ
## 'ମୋ ସ୍କୁଲ' ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସଫଳତାର ମାର୍ଗ ଦେଖାଉଛନ୍ତି ସଫଳ ବ୍ୟକ୍ତିତ୍ୱ

ଭୁବନେଶ୍ୱର,୦୬/୧୦/୨୦୨୩:

ଜୀବନରେ ସଫଳତାର ପାହାଚ ଚଢ଼ି ସମାଜରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତିବିଶେଷ ବଖାଣୁଛନ୍ତି ନିଜ ଅଭିଜ୍ଞତା ଆଉ ସଫଳ ଜୀବନର କାହାଣୀ । ଛାତ୍ରଛାତ୍ରୀଙ୍କୁ ଦେଖାଉଛନ୍ତି ନୂଆ ସ୍ୱପ୍ନ ଓ ସେହି ସ୍ୱପ୍ନକୁ ସାକାର କରିବାର ବାଟ । ପାଠ ସହ ଜୀବନର ପ୍ରତିଟି କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ପିଲାମାନଙ୍କୁ ଦେଉଛନ୍ତି ବିଭିନ୍ନ ପରାମର୍ଶ । ଏଭଳି ଅଭିନବ ଚିନ୍ତାଧାରାକୁ ନେଇ 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ଗତ ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିବା ପ୍ରେରଣାଦାୟୀ କାର୍ଯ୍ୟକ୍ରମ 'ପ୍ରେରଣା' ଏବେ ପିଲାମାନଙ୍କୁ ବେଶ୍ ଉତ୍ସାହିତ କରୁଛି ।

ସରକାରୀ ବିଦ୍ୟାଳୟରେ ପାଠ ପଢ଼ି ସମାଜରେ ବିଭିନ୍ନସ୍ତରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ସଂଘର୍ଷ ଓ ସଫଳତାର କାହାଣୀ କହି, ପିଲାମାନଙ୍କ ସ୍ୱପ୍ନକୁ ଇନ୍ଧନ ଯୋଗାଉଛନ୍ତି । ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନୂଆ ଆଗ୍ରହ, ନୂଆ ଉଦ୍ଦୀପନା ସହ ଆଗକୁ ବଢ଼ିବାକୁ ପ୍ରେରିତ କରୁଛି । 'ମୋ ସ୍କୁଲ'ର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମ ମାସକୁ ଦୁଇଥର ପ୍ରସାରିତ ହେଉଛି । ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ନିଜର ମୂଲ୍ୟବାନ ସମୟ ଦେଇ ପିଲାମାନଙ୍କୁ ୧୦ରୁ ୧୫ ମିନିଟ୍ ପ୍ରେରଣାଦାୟୀ ବକ୍ତବ୍ୟ ଦେଉଛନ୍ତି । ପ୍ରଥମ ଅଧ୍ୟାୟରେ ଇସ୍ରୋର ମହାକାଶ ବିଜ୍ଞାନୀ ଶ୍ରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଅତିଥି ଭାବରେ ଯୋଗଦେଇ ନିଜ ଜୀବନ ଯାତ୍ରା ଓ ସଫଳତାର କଥା କହିଥିଲେ । ବିଜ୍ଞାନ ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ଦିଗରେ ଅଭିଭାବକମାନଙ୍କୁ ଉପଦେଶ ଦେଇଥିଲେ । ସେହିପରି ଦ୍ୱିତୀୟ ଅଧ୍ୟାୟରେ ଦେଖିବାକୁ ମିଳିଥିଲା ସଫଳ ଅଭିନେତା, ରାଜନେତା ତଥା ରାଜ୍ୟ ସରକାରଙ୍କ 'ମୋ କଲେଜ'ର ଅଧ୍ୟକ୍ଷ ଶ୍ରୀ ଆକାଶ ଦାସନାୟକଙ୍କୁ । ଛାତ୍ରଛାତ୍ରୀମାନେ କିଭଳି ନିଜକୁ ଗଢ଼ିବେ, କେଉଁ ଦିଗକୁ ଯିବେ, କେମିତି ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ସମାଜରେ ପ୍ରତିଷ୍ଠା ଲାଭ କରିପାରିବେ ସେସବୁ ସମ୍ପର୍କରେ ସେ ଅନେକ ପରାମର୍ଶ ଦେଇଥିଲେ ।

ତେବେ ନିକଟରେ 'ମୋ ସ୍କୁଲ' ୟୁଟ୍ୟୁବ୍ ଚ୍ୟାନେଲ୍‌ରେ 'ପ୍ରେରଣା'ର ତୃତୀୟ ଅଧ୍ୟାୟ ଉପଲବ୍ଧ ହୋଇଛି, ଯେଉଁଥିରେ ଅତିଥି ଭାବରେ ଦେଖିବାକୁ ମିଳିଛି ବିଶିଷ୍ଟ ନୃତ୍ୟଶିଳ୍ପୀ ତଥା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଡ. ଅରୁଣା ମହାନ୍ତିଙ୍କୁ । କଳା ଜଗତ ପ୍ରତି ଆଗ୍ରହୀ ଥିବା କୁନି ପ୍ରତିଭାମାନଙ୍କ ପାଇଁ ଏହା ବିଶେଷ ଫଳପ୍ରଦ ହେବ । ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ପ୍ରତିଭା ବିକାଶର ଆବଶ୍ୟକତା ରହିଛି । ତେବେ ଆଗାମୀ ଦିନରେ ଏହି 'ପ୍ରେରଣା' କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରୁ ଅନେକ ସଫଳ ବ୍ୟକ୍ତିତ୍ୱ ଯୋଗଦେଇ ପିଲାମାନଙ୍କ ଅତ୍ମବିଶ୍ୱାସ ବଢ଼ାଇବା ସହ ଉତ୍ସାହିତ କରିବେ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ